## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ସାଧାରଣତନ୍ତ୍ର ଦିବସ ପାଳନ। ସ୍ଥାନ- ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ। ସମୟ- ସକାଳ ୮ଟା ୨୫।

**ବୁଗୁଡ଼ା**
- କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ସମାରୋହ। ସ୍ଥାନ-ଶ୍ରୀବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପ,ସମୟ- ଅପରାହ୍ନ ୨ଟା।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

**ଆସିକା,୨୫।୧(ଡି.ଏନ୍.ଏ.):** ଆସିକା ସହର ଉପକଣ୍ଠ ରଷିକୁଲ୍ୟା ପୋଲ ନିକଟରୁ ମଙ୍ଗଳବାର ଅପରାହ୍ନରେ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଓ ଆସିକା ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରି ଏକ କାରରୁ ୫୦ କେଜି ଗଞ୍ଜେଇ ଜବତ କରିଛନ୍ତି। ଏହି ମାମଲାରେ ୨ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ବିହାର ରାଜ୍ୟର ଗୟା ନିବାସୀ ଅଭିଷେକ ତିୱାରୀ ଓ ସିଙ୍ଗିପୁର ଗ୍ରାମର ନାରାୟଣ ପ୍ରଧାନ । ଗଞ୍ଜେଇ କାରରେ କନ୍ଧମାଳରୁ ଗୟା ଚାଲାଣ ହେଉଥିଲା ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଥାନାରେ ୯୪/୨୨-୨୩ରେ ଏକ ମାମଲା ରୁଜୁ କରାଯାଇଛି । ବୁଧବାର ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ଓ ଅବକାରୀ ସବଇନ୍ସପେକ୍ଟର ପ୍ରଦୀପ ମହାନ୍ତି ସୂଚନା ଦେଇଛନ୍ତି ।

### ଅସଦାଚରଣ ମାମଲାରେ ୨ ଭାଇ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୫।୧:** ସ୍ୱତନ୍ତ୍ର ପୋକ୍ସୋ ଜଜ୍ ବିକ୍ରମ ପଟ୍ଟନାୟକ ଏକ ଅସଦାଚରଣ ମାମଲାର ରାୟ ବୁଧବାର ପ୍ରକାଶ କରିଥିଲେ। ପ୍ରମାଣ ଅଭାବରୁ ଦୁଇ ଭାଇଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ପାଟପୁର ଥାନା ଅଞ୍ଚଳର ମିଟୁ ବିଷୋୟୀ ଓ ଟିଟୁ ବିଷୋୟୀ। ପ୍ରକାଶ ଯେ, ମିଟୁ ଓ ତାଙ୍କ ଭାଇ ଗାଁର କେତେକ ନାବାଳିକାଙ୍କୁ ଯିବା ଆସିବା ସମୟରେ ସେମାନଙ୍କୁ ଟଣାଓଟରା କରୁଥିଲେ। ଏପରିକି ନାବାଳିକାମାନଙ୍କୁ ଉପରୋକ୍ତ ୨ ଭାଇ ଅଶ୍ଳୀଳ ଇଙ୍ଗିତ କରିବା ସହ ଅସଦାଚରଣ କରୁଥିଲେ। ଏନେଇ ପାଟପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୦୮/୧୯ରେ ମାମଲା ରୁଜୁ କରିଥିଲା। ପରେ ଉପରୋକ୍ତ ଦୁଇ ଭାଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତମାନେ ଜାମିନ ପାଇଥିଲେ। ଉକ୍ତ ମାମଲାର ବିଚାର ବେଳେ ୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

### ଖବରଦାତାଙ୍କ ପରଲୋକ

**ବ୍ରହ୍ମପୁର ଅଫିସ,୨୫।୧:** ବ୍ରହ୍ମପୁର ଖବରଦାତା ଚିରଞ୍ଜିତ ରାଜଗୁରୁ(୪୭)ଙ୍କ ବୁଧବାର ପୂର୍ବାହ୍ନରେ ପରଲୋକ ଘଟିଛି। ଗତକାଲି ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର ବଡମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖୋଡାସିଙ୍ଗି ସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ବନ୍ଧୁଜନ ଉପସ୍ଥିତ ଥିଲେ।

# ବିରୋଧୀ ଦଳ ରାଜ୍ୟବାସୀଙ୍କ ବିଶ୍ୱାସଭାଜନ ହେଉନି



ପ୍ରତିଷ୍ଠା ଦିବସ ସମାବେଶରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ ।

## ବ୍ରହ୍ମପୁର ବିଜେଡି ପ୍ରତିଷ୍ଠା ଦିବସ ସମାବେଶ

**ବ୍ରହ୍ମପୁର ଅଫିସ,୨୫।୧**

ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଗାନ୍ଧୀନଗର ଉପର ରାସ୍ତା ପାର୍ଶ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର କର୍ମୀ ଓ ବିଜେଡି ସମର୍ଥକଙ୍କ ସମାଗମ ହୋଇଥିଲା। ବିଧାୟକ ବିକ୍ରମ କୁମାର ପଣ୍ଡା ଏହାର ଆୟୋଜକ ଥିଲେ। ଅନୁଷ୍ଠିତ ସମାବେଶରେ ରାଜ୍ୟ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ଲତିକା ପ୍ରଧାନ, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୁବାସ ବେହେରା, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ଓ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ।

ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ରାଜ୍ୟ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ମହାନଗର ଯୁବ ବିଜେଡି ସଭାପତି ଅଜିତ ପଣ୍ଡା, ମହିଳା ବିଜେଡି ଜୋନ ସଭାନେତ୍ରୀ ମମତା ବିଶୋୟୀ, ମହାନଗର ମହିଳା ବିଜେଡି ସଭାନେତ୍ରୀ ସୋନାଲି ଗନ୍ତାୟତ, ଜିଲା ସଂଗଠନ କର୍ମକର୍ତ୍ତା ଭଗବାନ ଗନ୍ତାୟତ, ସଞ୍ଜିତ ପାଣିଗ୍ରାହୀ, ଅର୍ବାନ ବ୍ୟାଙ୍କ ସଭାପତି ଆର.ମୂରଲୀ ମୋହନ ପ୍ରମୁଖ ଉପସ୍ଥିତ ଥିଲେ।

ବିଏମ୍‌ସିର ନିର୍ବାଚିତ ୪୦ ବିଜେଡି କର୍ପୋରେଟର ନିଜ ୱାର୍ଡରୁ ଶହ ଶହ କର୍ମୀଙ୍କୁ ସଭାସ୍ଥଳକୁ ଆଣିଥିଲେ। ଡେପୁଟି ମେୟର ବିବେକ ରେଡ୍ଡୀଙ୍କ ସମେତ କର୍ପୋରେଟର ସୁରେନ୍ଦ୍ର ମହାରଣା ଓ ଅନ୍ୟମାନେ ଦଳର ସାଙ୍ଗଠନିକ ସ୍ଥିତି କିଭଳି ଦିନକୁ ଦିନ ବଢ଼ି ଚାଲିଛି ସେନେଇ ସୂଚାଇଥିଲେ। ରାଜ୍ୟ ଶ୍ରମ ମନ୍ତ୍ରୀ ସଭା ପୂର୍ବରୁ ଆସିଥିଲେ। ଦଳର ନେତାମାନେ ଭାଷଣ ପ୍ରସଙ୍ଗରେ ମୁଖ୍ୟତଃ ରାଜ୍ୟବାସୀଙ୍କ ସେବା କରି ଦୀର୍ଘ ୨୫ ବର୍ଷ ହେବ ବିଜେଡି କିଭଳି ଜନପ୍ରିୟ ହୋଇଛି ଏବଂ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଅକୁଣ୍ଠ ସମର୍ଥନ କରୁଛନ୍ତି ସେ ସମ୍ପର୍କରେ ବଖାଣିଥିଲେ। ବିଜେଡି ଓ ଏହାର ସଭାପତିଙ୍କ ବିକଳ୍ପ ନ ଥିବା କୁହାଯାଇଥିଲା। ରାଜ୍ୟବାସୀଙ୍କ ବିଶ୍ୱାସ ଭାଜନ ହୋଇପାରୁନଥିବା ବିରୋଧୀ ଦଳ ହତାଶ ହୋଇ ଶାସକ ଦଳ ବିରୋଧରେ ଅପପ୍ରଚାର କରୁଥିବା ନେତାମାନେ କଟାକ୍ଷ କରିଥିଲେ। ଏହାର ପ୍ରତିବାଦ ଓ ପ୍ରତିରୋଧ କରିବାକୁ ସମବେତ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା।

# ଡାକ କର୍ମଚାରୀଙ୍କ ବିକ୍ଷୋଭ

**ଆସିକା,୨୫।୧(ଡି.ଏନ୍.ଏ.)**

ଆସିକା ଡାକମଣ୍ଡଳ ଅଧୀନରେ ଥିବା ବିଭିନ୍ନ ଡାକଘରର ପରିଚାଳନା ଲାଗି ଆବଶ୍ୟକୀୟ ଅର୍ଥ ପ୍ରଦାନରେ ବିଳମ୍ବ ଯୋଗୁ ଡାକ କର୍ମଚାରୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ବୁଧବାର ଡାକ କର୍ମଚାରୀମାନେ ମଧ୍ୟାହ୍ନଭୋଜନ ବିରତିରେ ମଣ୍ଡଳ ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ଆଗାମି ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ । ଆସିକା ଡାକମଣ୍ଡଳରେ ଥିବା ୪୫ଟି ଉପଡାକଘର ମଧ୍ୟରୁ ୪୨ଟି ଭଡା ଘରେ ଚାଲୁଛି । ଅର୍ଥ ଅଭାବରୁ ଦୀର୍ଘ ୫ମାସରୁ ଉର୍ଦ୍ଧ୍ୱ ହେଲା ଏହି ଘର ମାଲିକମାନଙ୍କୁ




ବିକ୍ଷୋଭରତ ଡାକ କର୍ମଚାରୀମାନେ।

ଭଡା ଦିଆଯାଇପାରୁନାହିଁ । ଏହାଛଡା ଡାକ ନେବା ଆଣିବା ଲାଗି ବ୍ୟବହୃତ ଠିକା ଗାଡି ଗୁଡିକର ପ୍ରାପ୍ୟ ୬ମାସରୁ ଅଧିକ ହେଲା ପ୍ରଦାନ କରାଯାଇ ନ ଥିବା ବେଳେ ଡାକଘରେ କାର୍ଯ୍ୟରତ ଝାଡୁଦାର, ଜଳ ଯୋଗାଣକାରୀ, ମେହେନ୍ତର ମାନଙ୍କ ମାସିକ ପ୍ରାପ୍ୟ କର୍ମଚାରୀଙ୍କ ଗସ୍ତ ଖର୍ଚ୍ଚ, ଡାକଘରର ବିଜୁଳି ଖର୍ଚ୍ଚ, ଷ୍ଟେସନାରୀ ଖର୍ଚ୍ଚ, ପାଣି ବିଲ ମଧ୍ୟ ଭରଣା କରାଯାଇପାରୁ ନ ଥିବା କୁହାଯାଇଛି । ଡାକମଣ୍ଡଳ ତୃତୀୟ ଶ୍ରେଣୀ କର୍ମଚାରୀ ସଂଘର ସଂପାଦକ ରବିନାରାୟଣ ଚୌଧୁରୀ, ପୋଷ୍ଟମ୍ୟାନ ଓ ଏମ.ଟି.ଏସ. ସଂଘର ସଂପାଦକ ସନ୍ତୋଷ କୁମାର ସାହୁ ଏବଂ ଗ୍ରାମୀଣ ଡାକ ସେବକ ସଂଘ ସଂପାଦକ ରଜନୀକାନ୍ତ ଗନ୍ତାୟତଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିଲା।

## ଭୋଟର ସଚେତନତା ଦିବସ

**ବ୍ରହ୍ମପୁର ଅଫିସ,୨୫।୧**

ଗୋପାଳପୁର ବିଜ୍ଞାନ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ବୁଧବାର ଜାତୀୟ ମତଦାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ.ରାମପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋପାଳପୁର ସମବାୟ କେନ୍ଦ୍ର ଅଧ୍ୟକ୍ଷ ଡି.କୃଷ୍ଣାନନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କୃଷ୍ଣାନନ୍ଦ ଛାତ୍ରୀଛାତ୍ରଙ୍କୁ ମତଦାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏହା ସହ ସାବାଳକ ଭୋଟର, ଭୋଟରଙ୍କ ମୌଳିକ ଅଧିକାର, ନିରପେକ୍ଷ ମତଦାନ ସମ୍ପର୍କରେ ବୁଝାଇଥିଲେ। ୧୮ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ଭୋଟର ଆପ୍ ମାଧ୍ୟମରେ ନୂତନ ଭୋଟର ତାଲିକାରେ ନାମ ପଞ୍ଜୀକୃତ କରାଇଥିଲେ। ଯୁବ ରେଡକ୍ରସ୍ ଅଧିକାରୀ ଡ.ରାମଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଲିଗୁଡ଼ାରେ ମିନି ମାରାଥନ୍

**ବାଲିଗୁଡା,୨୫।୧(ଡି.ଏନ.ଏ.)**



ବାଲିଗୁଡା ଉପଖଣ୍ଡ ପ୍ରଶାସନ ଓ ସୂଚନା ଲୋକ ସମ୍ପର୍କ ବିଭାଗ ତରଫରୁ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଉପଖଣ୍ଡ ଉତ୍ସବ ପାଳନ କମିଟି ଆନୁକୂଲ୍ୟରେ ବୁଧବାର ମିନି ମାରାଥନ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ଥାନୀୟ ଉପଜିଲାପାଳ ଏମ.ଏସ. ମଧୁମିତା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତା ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ମୁଖ୍ୟ ରାସ୍ତା ଦେଇ ମହାଲକ୍ଷ୍ମୀ ଫିଲିଙ୍ଗ ଷ୍ଟେସନ ପର୍ଯ୍ୟନ୍ତ ଯାଇ ପୁଣି ସେଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର ଓ ସବୁ ବର୍ଗର ଜନସାଧାରଣ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ୟାରେଡରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ପ୍ରତିଯୋଗିତାକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଭିମନ୍ୟୁ ପ୍ରଧାନ, ଉପଖଣ୍ଡ ଉତ୍ସବ ପାଳନ କମିଟିର ଯୁଗ୍ମ ସମ୍ପାଦକ ତୀର୍ଥବାସୀ ଘଡାଇଙ୍କ ସମେତ ମେଡିକାଲ କର୍ମଚାରୀ, ପୋଲିସ କର୍ତ୍ତୃପକ୍ଷ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ସୁବ୍ରତ



@ ଜିତୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଉପଖଣ୍ଡସ୍ତରୀୟ ଜାତୀୟ ମତଦାତା ଦିବସ

**ବ୍ରହ୍ମପୁର ଅଫିସ,୨୫।୧**

ଉପଖଣ୍ଡସ୍ତରୀୟ ଜାତୀୟ ମତଦାତା ଦିବସ ବୁଧବାର ଟାଉନହଲଠାରେ ପାଳିତ ହୋଇଯାଇଛି। ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) କମିଶନର ଜେ. ସୋନାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବାଧ ଓ ନିରପେକ୍ଷ ନିର୍ବାଚନରେ ଭାଗନେଇ ଭୋଟର ଭାବେ ଭୋଟ ଦେଇ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ କମିଶନର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ତହସିଲଦାର ରବୀନ୍ଦ୍ର ମିଶ୍ର, ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ, ସହକାରୀ ଜିଲାପାଳ ପ୍ରଦୀପ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ୫ଜଣ ନୂତନ ଭୋଟର ଭାବେ ଯୁବ ଭୋଟର ସାଗରିକା ତ୍ରିପାଠୀ, ଦିବ୍ୟାଙ୍ଗ ଭୋଟର ଭି ଚିଣ୍ଟୁ ପାତ୍ର, ବୟସ୍କ ଭୋଟର ରବୀନ୍ଦ୍ର ନାଥ ଦାସ ଓ ସୁଦେଷ୍ଣା ମହାପାତ୍ର ଓ କିନର ପ୍ରିୟଙ୍କାଙ୍କୁ ଭୋଟ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ମତଦାତାଙ୍କୁ ଶପଥ ପାଠ କରାଯାଇଥିଲା। ଏଥିସହ ଉପଜିଲାପାଳ କାର୍ଯ୍ୟାଳୟରୁ ଟାଉନ ହଲ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶଶୀଭୂଷଣ ରଥ ମହିଳା ମହାବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ ଛାତ୍ରୀଛାତ୍ର ସମେତ ବି ଏଲ ଓ ସୁପରଭାଇଜରମାନେ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନୀମାକା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅପେରାରେ ଗଣ୍ଡଗୋଳ, ୫ ଦର୍ଶକ ଗିରଫ

## ଦୁଇ ପୋଲିସ ଗୁରୁତର

**ବ୍ରହ୍ମପୁର ଅଫିସ,୨୫।୧**

ଗଞ୍ଜାମ ଜିଲା ନିମଖଣ୍ଡି ଥାନା ଅନ୍ତର୍ଗତ ବୋରଗାଁରେ ଚାଲିଥିବା ଅପେରାରେ ମଙ୍ଗଳବାର ରାତିରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ହାବିଲଦାର ଓ କନ୍‌ଷ୍ଟେବଲ ଗୁରୁତର ହୋଇଥିଲେ। ଏନେଇ ଅଭିଯୋଗ ହେବା ପରେ ଉକ୍ତ ଘଟଣାରେ ପୋଲିସ ୫ଜଣ ଦର୍ଶକଙ୍କୁ ଗିରଫ କରିଛି। ସେମାନେ ହେଲେ ବୋରଗାଁର ଟିଙ୍କୁ ସେଠୀ, ତାଙ୍କ ଭାଇ ଭିକୁ, ଭଗବାନ ସେଠୀ, ମୁନା ଓରଫ ଗଙ୍ଗାଧର ସେଠୀ ଓ ଭୂତ ଓରଫ ସିଟୁ ସେଠୀ। ମାମଲା ନମ୍ବର ୨୮/୨୩ରେ ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଘଟଣା ବେଳେ ବ୍ୟବହୃତ ଠେଙ୍ଗା ଓ ପଥର ଜବତ ହୋଇଛି। ବୁଧବାର ସନ୍ଧ୍ୟାରେ ଏନେଇ ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ୍. ଏକ ପ୍ରେସ୍‌ନୋଟ ମାଧ୍ୟମରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବୋରିଗାଁରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲିଛି। ମଙ୍ଗଳବାର ରାତିରେ ସେଠାରେ ଅପେରା ହେଉଥିଲା। ଷ୍ଟେଜ୍ ଉପରେ କେତେକ ମହିଳା କଳାକାର ନୃତ୍ୟ ପ୍ରଦର୍ଶନ କରୁଥିଲେ। ଏହି ସମୟରେ ଉକ୍ତ ଗ୍ରାମର କେତେକ ଦର୍ଶକ ସେମାନଙ୍କ ଉପରେ ଫୁଲମାଳ ପକାଇଥିଲେ। ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ସାମାଜିକ କର୍ମୀମାନେ ଏହାର ପ୍ରତିବାଦ କରିଥିଲେ। ଯାହାକୁ ନେଇ ସେଠାରେ ଉଭୟ ଦର୍ଶକ ଓ ସାମାଜିକ କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସେଠାରେ ମୁତୟନ ଥିବା ପୋଲିସ କର୍ମଚାରୀମାନେ ଏହାର ସମାଧାନ କରିବା ସହ ଉକ୍ତ ଦର୍ଶକଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ। ପରେ ଉପରୋକ୍ତ ୫ ଦର୍ଶକ ଉତ୍ତ୍ୟକ୍ତ ହୋଇ ପୋଲିସ ଉପରକୁ ପଥରମାଡ କରିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ପୋଲିସ ହାବିଲଦାର ତପନ ମିଶ୍ରଙ୍କ ମୁଣ୍ଡ ଫାଟିଯାଇଥିଲା। ସେହିପରି ଅନ୍ୟଜଣେ କନଷ୍ଟେବଲ ମନୋଜ କୁମାର ଦଳବେହେରା ମଧ୍ୟ ଆହତ ହୋଇଥିଲେ। ପରେ ସେମାନଙ୍କୁ ଏମ୍‌କେସିଜି ମେଡିକାଲ ପଠାଯାଇଥିଲା।




ଗିରଫ ଅଭିଯୁକ୍ତ ।

# କନ୍ଧମାଳ ପର୍ଯ୍ୟଟନ ଭାରତବାସୀଙ୍କୁ ଆକୃଷ୍ଟ କରିଛି



ମହୋତ୍ସବରେ ଉପସ୍ଥିତ ଅତିଥି । ଅଭିଭାଷଣ ଦେଉଛନ୍ତି ଜିଲାପାଳ ।

## କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ଫୁଲବାଣୀ ଅଫିସ, ୨୫।୧**

କନ୍ଧମାଳ ଜିଲା ଅନେକ ଐତିହାସିକ କଥା ବହନ କରେ। ଅଶୋକଙ୍କ ଶିଳାଲିପି ଏଠାରେ ରହିଛି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ଜିଲା । ଏହା ଖାଲି ଆଦିବାସୀଙ୍କୁ ନୁହେଁ, ସାରା ଦେଶର ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଛି । ଦାରିଙ୍ଗିବାଡିଠୁ ଆରମ୍ଭ କରି ପ୍ରତ୍ୟେକ ବ୍ଲକରେ ରହିଛି ପ୍ରକୃତିର ସୌନ୍ଦର୍ଯ୍ୟ। ଏସବୁ ପର୍ଯ୍ୟଟନ କ୍ଷେତ୍ର ଜନମାନସକୁ ଆନ୍ଦୋଳିତ କରେ। କହିବାକୁ ଗଲେ ସାରା ଭାରତବାସୀଙ୍କୁ ଏହି ଜିଲା ଆକୃଷ୍ଟ କରିଛି ବୋଲି ବୁଧବାର ଉଦଘାଟିତ ହୋଇଥିବା କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ପ୍ରକାଶ କରିଛନ୍ତି ।

ସେହିପରି ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ଯୋଗୁ ଜିଲା ଏବେ ଆଗେଇଛି । ଜିଲାବାସୀଙ୍କ ସ୍ୱପ୍ନ ମେଡିକାଲ କଲେଜ ଆଉ ଅଳ୍ପ ଦିନ ମଧ୍ୟରେ ଶେଷ ହେବ । ଏହି ଉତ୍ସବରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ବିଭିନ୍ନ ସରଞ୍ଜାମ ପ୍ରଦର୍ଶିତ ହେବ। ସମସ୍ତେ ଉତ୍ସବକୁ ଭରପୁର ଉପଭୋଗ କରିବା ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି । ସେହିପରି ସମ୍ମାନିତ ଅତିଥି ଭାବେ ଏମ୍‌ପି ଅଚ୍ୟୁତ ସାମନ୍ତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଜିଲାର କଳା, ସଂସ୍କୃତିକୁ ମନେ ପକାଇଥିଲେ । ଏଥିସହ ଆଦିବାସୀଙ୍କ କଳା ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ଆଦିବାସୀ ସଂଗ୍ରହାଳୟ କରିବାକୁ ଦାବି ଉପସ୍ଥାପନ କରିଥିଲେ । ଏହି ଅବସରରେ ସ୍ମରଣିକା 'ଗିରି ଝଙ୍କାର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

ମଧ୍ୟପ୍ରଦେଶର ବଧାଇ ନୃତ୍ୟ, ପୁରୀର ଫାୟାର ଆକ୍ଟ ଏବଂ ମାଲଖମ, କଟକର ଓଡିଶୀ ନୃତ୍ୟ, ଫୁଲବାଣୀ, ବାଲିଗୁଡା, ରାଇକିଆ, ଜି.ଉଦୟଗିରି ଓ ଟିକାବାଲି ବ୍ଲକର ବିଭିନ୍ନ ଅନୁଷ୍ଠାନର ଲୋକ ନୃତ୍ୟ ଏବଂ ସଂଗୀତ ବିଚିତ୍ରା ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା । ଜନସାଧାରଙ୍କ ସୁବିଧା ଲାଗି ଚଳିତ ମେଳାରେ ପ୍ରଶାସନ ପକ୍ଷରୁ ମାଗଣା ବସ୍ ସେବାର ବ୍ୟବସ୍ଥା କରାଯାଇଛି । ୩ଟି ବସ ଫୁଲବାଣୀ ସହରର ମାଦିକୁଦା ଛକ, ଗୋପବନ୍ଧୁ ଛକ (କରୋନେଶନ ପଡିଆ)ରେ ଉପଲବ୍ଧ ହେବ । ମହୋତ୍ସବ ପଡିଆରେ ଚଳିତବର୍ଷ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲା ଯାଇଛି । ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ଏଠାରେ କିଣାବିକା କରିବେ । ସେହିପରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ କୃଷକମାନଙ୍କୁ କୃଷି ବିଭାଗ ପକ୍ଷରୁ କୃଷି ଯନ୍ତ୍ରପାତି ବଣ୍ଟନ କରାଯାଉଛି ।

## ସଂକ୍ଷେପରେ

### ପିତାତଳି ବୋମା ମାଡ଼ ଘଟଣା, ୨ ଗିରଫ

ଗୋପାଳପୁର,୨୫।୧(ଡି.ଏନ୍.ଏ.)- ଗୋଳନ୍ଥରା ଥାନା ପିତାତଳି ଗ୍ରାମରେ ଗତ ୨୨ ତାରିଖ ସନ୍ଧ୍ୟାରେ ବୋମା ଓ ପଥର ମାଡ଼ ମାମଲାରେ ବୁଧବାର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପିତାତଳି ଗ୍ରାମର ପି.ଦିଲ୍ଲୀପ (୧୯) ଓ ପି ଭିରାସ୍ୱାମୀ (୨୯)। ସମ୍ପୃକ୍ତ ଅଭିଯୁକ୍ତମାନେ ଚମ୍ପଟ ମାରିଥିବା ବେଳେ ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଛି। ବୁଧବାର ଭିରାସ୍ୱାମୀ ଓ ଦିଲ୍ଲୀପଙ୍କୁ ବୁଧବାର ପୋଲିସ କାବୁ କରିଥିଲା। ଏନେଇ ଥାନାରେ ପଚରାଉଚରା କରିବା ପରେ ସନ୍ଧ୍ୟାରେ ସମସ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ମହନ୍ତ ସୂଚନା ଦେଇଛନ୍ତି।

### ୩ ନିଶାସକ୍ତ ଚାଳକଙ୍କୁ ୪୪ ହଜାର ଜରିମାନା

ପୋଲସରା,୨୫।୧(ଡି.ଏନ.ଏ.)- ପୋଲସରା ସହରର ମୁଖ୍ୟ ସଡ଼କ ଉପରେ ନିଶାସକ୍ତ ହୋଇ ବାଇକ୍ ଚଲାଉଥିବା ୩ଜଣ ଯୁବକଙ୍କୁ ପୋଲସରା ପୋଲିସ ମାଡ଼ି ବସିଛି। ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଥିବା ସୂଚନା ଦେଇଛନ୍ତି ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ। ପୋଲସରା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ନିଶାସକ୍ତ ଯୁବକ ବୁଗୁଡ଼ା ଥାନା ଅନ୍ତର୍ଗତ କଞ୍ଚୁରୁ ଗ୍ରାମର ସଞ୍ଜୟ କୁମାର ଜେନାଙ୍କୁ ୧୭,୫୦୦ ଟଙ୍କା, ପୋଲସରା ଥାନା ଅନ୍ତର୍ଗତ ପାଟିଗଡ ଗ୍ରାମର ରମେଶ ସେଠୀଙ୍କୁ ୧୫,୫୦୦ ଟଙ୍କା ଓ ଡିମ୍ବିରିଆ ଗ୍ରାମର ଉତ୍ତମ କୁମାର ପ୍ରଧାନ ୧୧,୫୦୦ ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି।

# କାଜୁ ବଗିଚା ନାଁରେ ଲକ୍ଷାଧିକ ହଡ଼ପ

## ଲାଗିଥିଲା ୮ଶହ, ଏବେ ୮ଟି ନାହିଁ

**ବୁଗୁଡ଼ା,୨୫।୧(ଡି.ଏନ୍.ଏ.)**

ବୁଗୁଡ଼ା ବ୍ଲକ ମୋଟାବାଡ଼ି ଗ୍ରାମରେ ଉଦ୍ୟାନ ବିଭାଗ ଅଧୀନରେ ୪ ହେକ୍ଟର ଜମିରେ ୮ଶହ କାଜୁ ଗଛ ଲାଗିଥିବା ନେଇ ଫଳକ ମରାଯାଇଛି। ହେଲେ ସେଠାରେ ଏବେ ୮ଟି ମଧ୍ୟ କାଜୁ ଗଛ ନାହିଁ। ଫଳକରେ ଲେଖାଯାଇଥିବା ସୂଚନାନୁସାରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୨୦୨୧ -୨୨ ଆର୍ଥିକ ବର୍ଷରେ ୪ ହେକ୍ଟର ଜମିରେ ହେକ୍ଟର ପିଛା ୨ ଶହ ଗଛ ହିସାବରେ ୮ଶହ କାଜୁ ଗଛ ଲାଗିଥିଲା, ଯାହା ୨୦୨୧ ଜୁଲାଇ ୫ରେ ହୋଇଥିବା ଉଲ୍ଲେଖ ରହିଛି।



ନାମକୁ ମାତ୍ର ଫଳକ।

ତେବେ କାର୍ଯ୍ୟ ଶେଷ କେବେ ହେଲା ତାହା ଦର୍ଶାଯାଇନି। ଗଛ ଲଗାଇବା ନାଁରେ ମିଥ୍ୟା ବିଲ୍ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଉଦ୍ୟାନ ବିଭାଗ ଓଭରସିଅର ରବୀନ୍ଦ୍ର କୁମାର ଦଳେଇଙ୍କୁ ପଚାରିବାରେ ସେ ସେଠାରେ ଗଛ ଅଛି ବୋଲି ସଫେଇ ଦେଇଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ସହ ଆହୁରି ଅନେକ ଦୁର୍ନୀତି ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଅଯୋଗ୍ୟଙ୍କୁ ବାଦ୍ ଦେବାକୁ ସ୍ମାରକପତ୍ର

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା



ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ରାଇକିଆ,୨୫।୧(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତ୍ରୁଟିପୂର୍ଣ୍ଣ ହିତାଧିକାରୀ ଚୟନ ଯୋଗୁ ଅନେକ ଯୋଗ୍ୟ ବ୍ୟକ୍ତି ତାଲିକାଭୁକ୍ତ ହୋଇ ପାରିନାହାନ୍ତି। ଅନ୍ୟପକ୍ଷରେ ଅଯୋଗ୍ୟ (ବିଭିନ୍ନ କ୍ଷେତ୍ରରେ ସ୍ୱଚ୍ଛଳ) ହିତାଧିକାରୀ ତାଲିକାରେ ସ୍ଥାନ ପାଇଛନ୍ତି । ରାଜ୍ୟ ସରକାର ତୁରନ୍ତ ଏହି ତ୍ରୁଟିପୂର୍ଣ୍ଣ ତାଲିକାକୁ ସ୍ଥଗିତ ରଖି ନିରପେକ୍ଷ ହିତାଧିକାରୀ ଚୟନ କରିବାକୁ ରାଇକିଆ ଭାଜପା ପକ୍ଷରୁ ଦାବି କରାଯାଇଛି । ଏ ନେଇ ଏକ ସ୍ମାରକପତ୍ର ରାଇକିଆ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ସନ୍ତୋଷ ଲେଙ୍କା, ଜାମ୍ବେବ ପ୍ରଧାନ, ଶରତ ପ୍ରଧାନ, ନାରାୟଣ ପ୍ରସାଦ ମହାନ୍ତି, ସନ୍ତୋଷ ପାତ୍ର, ବିରେନ୍ଦ୍ର ପ୍ରଧାନ ଏବଂ ଅଭିମନ୍ୟୁ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଭାଜପା କର୍ମୀ ସ୍ମାରକପତ୍ର ପ୍ରଦାନ ପାଇଁ ଯାଇଥିଲେ।

# ୪ ବର୍ଷର ଶିଶୁକୁ ହତ୍ୟା ଘଟଣା, ଅଭିଯୁକ୍ତ ଅଟକ

**ଧରାକୋଟ,୨୫।୧(ଡି.ଏନ୍.ଏ):**

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମରେ ମଙ୍ଗଳବାର ରାତିରେ ଗୋବିନ୍ଦ ପାତ୍ରଙ୍କ ୪ ବର୍ଷର ପୁଅ ନିତେଶକୁ ପିଟି ହତ୍ୟା ଘଟଣାରେ ଅଭିଯୁକ୍ତ ସେହି ଗ୍ରାମର କିର୍ତ୍ତନ ସେଠୀଙ୍କ ପୁଅ ଶ୍ରୀକାନ୍ତଙ୍କୁ ବୁଧବାର ପୋଲିସ ଅଟକ ରଖିଛି। ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂଙ୍କ ନେତୃତ୍ୱରେ ଗଠିତ ଟିମ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ସୂଚନା ମିଳିଛି। ଏସ୍‌ଡିପିଓଙ୍କ ନେତୃତ୍ୱରେ ଧରାକୋଟ ଥାନା ଅଧିକାରୀ ମମତା ସାମନ୍ତରାୟ, ଶେରଗଡ଼ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ସୋରଡ଼ା ଥାନା ଅଧିକାରୀ ରମେଶ ପ୍ରଧାନ, ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଓ ବଡ଼ଗଡ଼ ଥାନା ଅଧିକାରୀ ସୁରଜ କୁମାର ଝଙ୍କାରଙ୍କୁ ନେଇ ଗଠିତ ଟିମ ସୁଚିନ୍ତିତ ଉପାୟରେ ଶ୍ରୀକାନ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଧରାକୋଟ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଧରାକୋଟ ଥାନାରେ ୨୪/୨୩ ପ୍ରକାରେ ମାମଲା ରୁଜୁ କରାଯାଇଛି। ବୁଧବାର ସାଇଣ୍ଟିଫିକ ଅଫିସର ପ୍ରଣତୀ ନାଇକଙ୍କ ନେତୃତ୍ୱରେ ଏକ ଦଳ ଘଟଣାସ୍ଥଳ ପରିଦର୍ଶନ କରି ହତ୍ୟାକାଣ୍ଡ ସ୍ଥଳରୁ ବିଭିନ୍ନ ସାମଗ୍ରୀ ଜବତ କରିଥିବା ସୂଚନା ମିଳିଛି।

# ନାବାଳିକା ଅପହରଣ ଅଭିଯୋଗ

**ଗୋପାଳପୁର,୨୫।୧(ଡି.ଏନ.ଏ.)**

ଜଣୈକା ନାବାଳିକାଙ୍କୁ ଅପହରଣ ହୋଇଥିବା ବୁଧବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବେଲକୁଦି ଗ୍ରାମର ଜଣେ ନାବାଳିକା ମଙ୍ଗଳବାର ସକାଳେ ଭୈରବୀ ମନ୍ଦିର ଯିବାକୁ କହି ଘରୁ ବାହାରିଥିଲେ। ସନ୍ଧ୍ୟା ସୁଦ୍ଧା ଆଉ ଘରକୁ ଫେରିନଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପାଇନଥିଲେ। ବୁଧବାର ନାବାଳିକାଙ୍କ ବାପା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେଶ ନଂ ୪୬/୨୩ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କୃଷି ଯନ୍ତ୍ରପାତି ମେଳା, କୃଷି ମହୋତ୍ସବ ଆରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

**ଫୁଲବାଣୀ ଅଫିସ, ୨୫।୧**

କନ୍ଧମାଳ ଜିଲା ମହୋତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଫୁଲବାଣୀ ଷ୍ଟାଡିୟମରେ ଆୟୋଜିତ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବକୁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉଦ୍‌ଘାଟନ କରିଥିଲେ । ଏଥିରେ କୃଷି ବିଭାଗ, ମତ୍ସ୍ୟ ବିଭାଗ, ଜଳ ବିଭାଜିକା, ପ୍ରାଣୀ ଚିକିତ୍ସା ବିଭାଗ ଅଧିକାରୀମାନେ ଯୋଗଦେଇ ମେଳାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । କୃଷି ଯନ୍ତ୍ରପାତି ଉପରେ ଚାଷୀଙ୍କୁ ଅବଗତ କରିବା, ସେମାନଙ୍କୁ ପରାମର୍ଶ ଦେବା ମେଳାର ଉଦ୍ଦେଶ୍ୟ। କେବଳ ଏତିକି ନୁହେଁ, ଚାଷୀମାନେ ଏଠାରେ ନାମ ପଞ୍ଜୀକରଣ କରି ସିଧାସଳଖ ଯନ୍ତ୍ରପାତି ନେଇପାରିବେ। ଏଥିରେ ୪୦%ରୁ ଆରମ୍ଭ କରି ୭୫% ଯାଏ ରିହାତି ବ୍ୟବସ୍ଥା ରହିଛି । ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟ ବିଭିନ୍ନ କୃଷି ଯନ୍ତ୍ରପାତି କ୍ରୟ କଲେ ସେମାନଙ୍କୁ ୬୦% ଛାଡ ଦିଆଯିବ। ଯେଉଁ ଚାଷୀ ଚାହିଁବେ, ସେମାନଙ୍କୁ ତୁରନ୍ତ ଏଠାରେ ଋଣଦେବା ବ୍ୟବସ୍ଥା କରାଯାଇଛି ବୋଲି ଅଧିକାରୀମାନେ କହିଥିଲେ । ପ୍ରତ୍ୟେକ ଦିନ ଜିଲାର ବିଭିନ୍ନ ବ୍ଲକରୁ ୩୦୦ ଚାଷୀ ଆସି ଏହି ମେଳାରେ ଯୋଗଦେବେ। କୃଷି ଜ୍ଞାନ ଏବଂ ଯନ୍ତ୍ରପାତି ବ୍ୟବହାର ଉପରେ ସେମାନଙ୍କୁ ସେମିନାର ମାଧ୍ୟମରେ ଅବଗତ କରାଯିବା ଏଥିସହ ତାଲିମ ମଧ୍ୟ ଦିଆଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଆୟୁର୍ଦେହୀ ମିଶ୍ର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ସିଡିଭିଓ ଅଶୋକ ତ୍ରିପାଠୀ, କୃଷି ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସାହୁ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ତ୍ରିପାଠୀ, ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର, ବୈଜ୍ଞାନିକ ସୁବ୍ରତ ବେହେରା, ଲିଡ୍ ବ୍ୟାଙ୍କ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ